# ଶିକ୍ଷା ବିକାଶ ସମିତି, ଓଡ଼ିଶା

## ପ୍ରାଦେଶିକ ମେଧା ପରୀକ୍ଷା ୨୦୨୩-୨୪

## ଶ୍ରେଣୀ - ନବମ

ସମୟ - ୨ ଘଣ୍ଟା | **ପ୍ରଥମ ପତ୍ର** | ପୂର୍ଣ୍ଣସଂଖ୍ୟା - ୧୦୦

## ପରୀକ୍ଷାର୍ଥୀଙ୍କ ପାଇଁ ସୂଚନା

**ପ୍ରଥମେ ନିମ୍ନ ସୂଚନାଗୁଡ଼ିକ ଭଲ ଭାବରେ ପଢ଼ ଓ ତା'ପରେ ଉତ୍ତର ଲେଖିବାକୁ ଆରମ୍ଭ କର ।**

୧. କେବଳ ନିର୍ଦ୍ଧାରିତ ସ୍ଥାନରେ ନିଜର ରୋଲ୍ ନମ୍ବର ଲେଖ ।

୨. ବିଭିନ୍ନ ବିଷୟରେ ଦିଆଯାଇଥିବା ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ହେବ ।

୩. ପ୍ରଥମେ ପ୍ରଶ୍ନଗୁଡ଼ିକ ଭଲ ଭାବରେ ପଢ଼ ଓ ତା'ପରେ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR)ରେ ସଂପୃକ୍ତ ବୃତ୍ତଟିକୁ କଳା / ନୀଳ ବଲ୍ ପଏଣ୍ଟ କଲମ ଦ୍ୱାରା ସମ୍ପୂର୍ଣ୍ଣ କଳା ବା ନୀଳ କର । କେବଳ ଗୋଟିଏ ବୃତ୍ତକୁ କଳା / ନୀଳ କର । ଦୁଇ ବା ତତୋଽଧିକ ଉତ୍ତର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୪. ପ୍ରଶ୍ନପତ୍ର ପୁସ୍ତିକାରେ ଥିବା ପୃଷ୍ଠା ସଂଖ୍ୟା ଓ ପ୍ରଶ୍ନ ସଂଖ୍ୟା ଭଲ ଭାବରେ ମିଳାଇ ନିଅ ।

୫. ଉତ୍ତରଫର୍ଦ୍ଦ (OMR) ରେ କୌଣସି ଦାଗ ବା ଚିରା ଫଟାଥିଲେ ତତକ୍ଷଣାତ କକ୍ଷ ନିରୀକ୍ଷକଙ୍କୁ ଫେରାଇ ଆଉ ଗୋଟିଏ ଠିକ୍ ଉତ୍ତରଫର୍ଦ୍ଦ (OMR) ମାଗି ନିଅ ।

୬. ରଫ୍ କାର୍ଯ୍ୟ କରିବା ପାଇଁ ଗଣିତ ଓ ପ୍ରତ୍ୟୁତ୍ପନ୍ନମତିତ୍ୱ ପ୍ରଶ୍ନର ଡାହାଣ ପଟେ ସ୍ଥାନ ରଖା ଯାଇଅଛି । ପ୍ରତ୍ୟେକ ପ୍ରଶ୍ନର ଡାହାଣରେ ସେହି ପ୍ରଶ୍ନ ପାଇଁ ରଫ୍ କର । ଯଦି ଜାଗା ନ ହୁଏ, ତେବେ ପଛପଟେ ରଫ୍ ଲେଖାଥିବା ପୃଷ୍ଠାକୁ ବ୍ୟବହାର କରିପାର । କିନ୍ତୁ ଅଲଗା କାଗଜରେ ରଫ୍ କର ନାହିଁ ।

୭. ତୁମ ପ୍ରବେଶ ପତ୍ରରେ ଦିଆଯାଇଥିବା ନିୟମ ପାଳନ କରିବ ।

୮. ପରୀକ୍ଷା ଦେବା ସମୟରେ କୌଣସି ଅସୁବିଧା ଅନୁଭବ କଲେ, ତୁମ କକ୍ଷର ପର୍ଯ୍ୟବେକ୍ଷକଙ୍କୁ ଜଣାଇବ ।

୯. ପରୀକ୍ଷା ଶେଷ ହେବା ପୂର୍ବରୁ ପରୀକ୍ଷାର୍ଥୀ ପରୀକ୍ଷା ଗୃହ ଛାଡ଼ି ପାରିବେ ନାହିଁ । ପରୀକ୍ଷା ଶେଷରେ ଉତ୍ତରଫର୍ଦ୍ଦ (OMR) ଟି କକ୍ଷ ନିରୀକ୍ଷକଙ୍କୁ ହସ୍ତାନ୍ତର କରି ପରୀକ୍ଷା ଗୃହ ଛାଡ଼ିବେ ।

**OMR ପୂରଣ କରିବା ପ୍ରଣାଳୀ**

| ଠିକ୍ ପ୍ରଣାଳୀ | ଭୁଲ ପ୍ରଣାଳୀ |
|---|---|
| ○ ○ ● ○ | ⊘ ⊠ ◐ ◍ ⊙ |

https://ssvmkalamachhuin.in/

**ଗଣିତ ଓ ଜ୍ୟାମିତି** | **ନବମ** | **ପୂର୍ଣ୍ଣାଙ୍କ - ୩୦**

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତର ଫର୍ଦ୍ଦ (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲ୍‌ପଏଣ୍ଟ କଲମରେ ନୀଳ / କଳା କର ।**

$2 \times 15 = 30$

1. $p=5+2\sqrt{6},\ q=\frac{1}{p}$ ହେଲେ $p^2+q^2$ ର ମାନ କେତେ ?

   (A) 49 (B) 98

   (C) 100 (D) କୌଣସିଟି ନୁହେଁ

2. $p^a \times q^b = 2009$ ଓ p, q ମୌଳିକ ସଂଖ୍ୟା ହେଲେ p + q ର ମାନ କେତେ ? $(a, b \in N)$

   (A) 3 (B) 48 (C) 51 (D) 2009

3. $\frac{(x-4)^3}{(x-6)^3} = \frac{x-3}{x-7}$ କୁ ଶୂନ୍ୟ ସାମ୍ୟସମୁଚ୍ଚୟ ପଦ୍ଧତିରେ ସମାଧାନ କଲେ $x$ ର ମାନ କେତେ ହେବ ?

   (A) 5 (B) 4 (C) 3 (D) 2

4. $a:b = b:c = c:d = d:e = 3:4$ ହେଲେ $e:a=$ କେତେ ?

   (A) 81:256 (B) 27:64

   (C) 256:81 (D) 64:27

5. ମିଲି ଓ ଲିମା ଗୋଟିଏ ଅଧିବର୍ଷରେ ଏକାଦିନରେ ଜନ୍ମ ହେଲେ ଉକ୍ତ ବର୍ଷ ସେମାନଙ୍କର ଜନ୍ମଦିନ ପଡ଼ିବାର ସମ୍ଭାବ୍ୟତା କେତେ ?

   (A) 1 (B) 0 (C) $\frac{2}{7}$ (D) $\frac{1}{7}$

6. ଦତ୍ତ ଚିତ୍ରରେ D, $\overline{AB}$ ର ମଧ୍ୟବିନ୍ଦୁ । $PC=\frac{1}{2}AP$ $DE \| BP$ ହେଲେ $AB=$ କେତେ ?




   (A) $\frac{1}{3}AC$ (B) $\frac{1}{3}BC$

   (C) $\frac{1}{2}AC$ (D) $2PC$

**ରଫ୍**

ରଫ୍

7. ସମାଧାନ କର । $\frac{7x+5}{9x-5}=\frac{9x+7}{7x+17}$

(A) $-\frac{3}{5}$ ବା 5 (B) $\frac{-3}{4}$ ବା 5

(C) $-\frac{3}{4}$ ବା $-5$ (D) $\frac{3}{4}$ ବା 5

8. ପାର୍ଶ୍ୱସ୍ଥ ଚିତ୍ରରେ $m\angle A=50^0$, $m\angle B=s^0$ ଓ $m\angle C=t^0$ ଏବଂ $s<50^0<t$ ହେଲେ କେଉଁଟି ଠିକ୍ ଉକ୍ତି ?




(A) $t<80^0$ (B) $s+t<130^0$

(C) $50^0<t<80^0$ (D) $t>80^0$

9. ଗୋଟିଏ ତ୍ରିଭୁଜର କୋଣମାନଙ୍କର ପରିମାପ ପ୍ରତ୍ୟେକ ପୂର୍ଣ୍ଣସଂଖ୍ୟା ହେଲେ କେଉଁ ଅନୁପାତଟି ଠିକ୍ ନୁହେଁ ?

(A) 2 : 3 : 4 (B) 3 : 4 : 5

(C) 5 : 6 : 7 (D) 6 : 7 : 8

10. ଗୋଟିଏ ସରଳରେଖା ଉପରିସ୍ଥ $x, y, z, u$ ଚାରିଗୋଟି ବିନ୍ଦୁ ଅଛନ୍ତି । ଯଦି $xy=15, yz=5, zu=8$ ଓ $xu=2$ ହୁଏ, କେଉଁ ଉକ୍ତିଟି ଠିକ୍ ?

(A) $x-y-z-u$ (B) $x-z-y-u$

(C) $x-u-z-y$ (D) $x-z-u-y$

11. $2x+3y=8,\ 4x+5y=14$ ହେଲେ $x$ ଓ $y$ ର ମାନ କେତେ ?

(A) (2, 1) (B) (1, 2)

(C) (3, 1) (D) କୌଣସିଟି ନୁହେଁ

12. $\cot\theta=\sqrt{3}$ ହେଲେ $\operatorname{cosec}\theta$ ର ମାନ କେତେ ?

(A) 2 (B) $\frac{1}{2}$ (C) $-\frac{1}{2}$ (D) $-2$

13. P($x$) ଓ Q($x$) ର ଲ.ସା.ଗୁ. L($x$) ଓ ଗ.ସା.ଗୁ. G(x) ହେଲେ $\frac{L(x)\times G(x)}{P(x)}=$ କେତେ ?

(A) G($x$) (B) Q($x$) (C) L($x$) (D) P($x$)

14. $-0.5\overline{4}$ ର ମାନ କେତେ ?

(A) $\frac{-54}{99}$ (B) $-54.44$ (C) $-5.4$ (D) $\frac{-49}{90}$

15. $2^{3-x}\times 4^{2x+2}=16$ ହେଲେ $x$ କେତେ ?

(A) 1 (B) 2 (C) -1 (D) -2

**ବିଜ୍ଞାନ** **ନବମ** **ପୂର୍ଣ୍ଣାଙ୍କ - ୩୦**

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରପତ୍ର (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲପଏଣ୍ଟ କଲମରେ ନୀଳ / କଳା କର ।**

$2 \times 15 = 30$

16. ହୃତ୍‌ପିଣ୍ଡର ବିଭିନ୍ନ ଅଂଶରୁ ଅଲଟ୍ରାସୋନିକ ତରଙ୍ଗର ପ୍ରତିଫଳନ କରାଇ ପ୍ରତିବିମ୍ବ ତିଆରି କରାଯାଏ । ଏହି ପଦ୍ଧତିକୁ ___________କୁହାଯାଏ ।

(A) ଇକୋକାର୍ଡିଓଗ୍ରାଫି (B) ଅଲଟ୍ରାସୋନୋଗ୍ରାଫି (C) ଇକୋରେଞ୍ଜିଙ୍ଗ (D) ଡିଟେକ୍‌ସନ୍

17. କେଉଁ ପରିସ୍ଥିତିରେ ମୁକ୍ତ ପତନ ବେଳେ ବସ୍ତୁର ଗତିଜ ଶକ୍ତି ଓ ସ୍ଥିତିଜ ଶକ୍ତିର ପରିମାଣ ସମାନ ହେବ ?

(A) $h = 0$ (B) $V^2 = 2gh$ (C) $v = 2gh$ (D) $V^2 = gh$

18. ଏକ ବସ୍ତୁ 5 m/s ସମ ପରିବେଗରେ ଗତି କରି ଏକ କାନ୍ଥକୁ ଆଘାତ କଲା । କାନ୍ଥକୁ ଆଘାତ କଲାବେଳେ ତାହାର ସଂବେଗ $10kg \quad m/s$ ଥିଲା । ତେବେ ବସ୍ତୁଟିର ବସ୍ତୁତ୍ୱ କେତେ ?

(A) 0.2 Kg (B) 1 Kg (C) 2 Kg (D) 2.5 Kg

19. କ୍ୟାନ୍‌ସର ରୋଗର ଚିକିତ୍ସା ପାଇଁ କେଉଁ ଆଇସୋଟୋପ୍ ବ୍ୟବହାର କରାଯାଏ ?

(A) ଥୋରିୟମ (B) ୟୁରୋନିୟମ୍ (C) ରେଡ଼ିୟମ (D) କୋବାଲ୍‌ଟ

20. କେଉଁ ବୈଜ୍ଞାନିକଙ୍କ ମତରେ ମୌଳିକ ନାମର ଗୋଟିଏ ବା ଦୁଇଟି ଅକ୍ଷରକୁ ନେଇ ମୌଳିକର ପ୍ରତୀକ ଲେଖାଯାଇ ପାରେ ?

(A) ଡାଲଟନ୍ (B) ପ୍ରାଉଷ୍ଟ (C) ଲାଭୋସିଅର (D) ବର୍ଜିଲିୟସ୍

21. ଯେଉଁ ପଦ୍ଧତିରେ ନିଶାଦ୍ରବ୍ୟକୁ ରକ୍ତରୁ ଅଲଗା କରାଯାଏ, ତାହା କ'ଣ ?

(A) ଆଂଶିକ ପାତନ (B) କେନ୍ଦ୍ରାପସାରଣ (C) କ୍ରୋମାଟୋଗ୍ରାଫି (D) ସ୍ଫଟିକୀକରଣ

22. ଅଲଟ୍ରାସୋନିକ ତରଙ୍ଗ ବ୍ୟବହାର କରି ଲିଭର, ଗଲବ୍ଲାଡର, କିଡ଼ିନୀ ଆଦି ରୋଗର ନିରୂପଣ ଯେଉଁ ଚିକିତ୍ସା ପଦ୍ଧତିରେ କରାଯାଏ ତାହାକୁ କ'ଣ କହନ୍ତି ?

(A) ଇକୋକାର୍ଡିଓଗ୍ରାଫି (B) ଅଲଟ୍ରାସୋନୋଗ୍ରାଫି (C) ଇକୋରେଞ୍ଜିଙ୍ଗ (D) ଡିଟେକ୍‌ସନ୍

23. ଫିତାକୃମି : ପ୍ଲାଟିହେଲମିନଥେସ୍ :: ଦଶକୃମି : ___________

(A) ନିମାଟୋହେଲମିନଥେସ୍ (B) ସିଲେନ୍‌ଟେରାଟା (C) ଆରଥ୍ରୋପୋଡ଼ା (D) ଏକାଇନୋଡ଼ର୍ମାଟା

24. ନିମ୍ନୋକ୍ତ କେଉଁଟି ସାଇକ୍ଲୋଷ୍ଟୋମାଟାର ଉଦାହରଣ ଅଟେ ?

(A) ହାଇଲା (B) ପେଟ୍ରୋମାଇଜନ୍ (C) ସାଲମେଣ୍ଡର (D) ହିପୋକେମସ୍

25. ବ୍ୟାକ୍ଟେରିଆ : ପ୍ରାକ୍‌ନ୍ୟଷ୍ଟିୟକୋଷ :: ଉଦ୍ଭିଦ ଓ ପ୍ରାଣୀ : ___________

(A) ଜନନ କୋଷ (B) ପ୍ରାଣୀ କୋଷ (C) ସୁନ୍ୟଷ୍ଟିୟ କୋଷ (D) କାୟିକ କୋଷ

26. ଉଦ୍ଭିଦର ମେଜୋଫିଲ କେଉଁ ଟିସୁ ଦ୍ୱାରା ଗଠିତ ?

(A) ପାରେନ୍ କାଇମା (B) କୋଲେନ୍ କାଇମା (C) ସ୍କ୍ଲେରେନ୍ କାଇମା (D) ଜାଇଲେମ୍

27. ନିମ୍ନୋକ୍ତ କେଉଁଟି ଅଲଗା ?

(A) ଅଗ୍ରସ୍ଥ ମେରିଷ୍ଟେମ୍ (B) ପାର୍ଶ୍ୱିକ ମେରିଷ୍ଟେମ୍ (C) ଅନ୍ତର୍ବିଷ୍ଟ ମେରିଷ୍ଟେମ୍ (D) ପ୍ରାଥମିକ ମେରିଷ୍ଟେମ୍

https://ssvmkalamachhuin.in/

28. ଅନ୍ତଃ ପରଜୀବୀ ଦ୍ୱାରା ଗୋରୁଗାଈଙ୍କ ଠାରୁ କେଉଁ ରୋଗ ବ୍ୟାପେ ?

(A) ପ୍ଲିହାଜ୍ୱର (B) ଆନ୍ଥ୍ରାକ୍ସ (C) ନିମୋନିଆ (D) ଚର୍ମରୋଗ

29. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଅଲଗା ? (ଅଣ୍ଡା ଦେବା କୁକୁଡ଼ା ଦୃଷ୍ଟିରୁ)

(A) ଆଙ୍କୋନା (B) କର୍ଣ୍ଣିସ୍ (C) ମିନାର୍କା (D) ହ୍ୱାଇଟଲେଗ୍ ହର୍ଣ୍ଣ

30. ନିମ୍ନୋକ୍ତ ମଧ୍ୟରୁ କେଉଁଟି ବଂଶାନୁଗତ କାରଣ ଜନିତ ରୋଗ ନୁହେଁ ?

(A) ହେମୋଫିଲିଆ (B) ସିକିଲ ସେଲ (C) ବର୍ଣ୍ଣାନ୍ଧତା (D) କ୍ରେଟିନିଜିମ୍

## ପ୍ରତ୍ୟୁତ୍ପନ୍ନମତିତ୍ୱ — ନବମ — ପୂର୍ଣ୍ଣାଙ୍କ - ୩୦

ରଫ୍

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରଫର୍ଦ୍ଦ (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲପଏଣ୍ଟ କଲମରେ ନୀଳ / କଳା କର ।** 2 x 15 = 30

31. Thermometer : Temperature :: Clock : ______

(A) Distance (B) Time

(C) Volume (D) Energy

32. ଅଲଗା ଶବ୍ଦ ବାଛ ।

(A) Run (B) Walk

(C) Swim (D) Hear

33. ଠିକ୍ ଉତ୍ତର ବାଛ ।

ସମସ୍ୟା ଚିତ୍ର




ଉତ୍ତର ଚିତ୍ର



(A) (B) (C) (D)

34. ପରବର୍ତ୍ତୀ ସଂଖ୍ୟା ଲେଖ ।

2, 8, 16, 128, ______

(A) 532 (B) 512 (C) 2046 (D) 2056

35. ଗୁରୁଦିବସ : ସେପ୍ଟେମ୍ବର ୫ :: ଶିଶୁ ଦିବସ : ______

(A) ଅକ୍ଟୋବର ୨ (B) ଜାନୁଆରୀ ୨୬

(C) ନଭେମ୍ବର ୧୪ (D) ସେପ୍ଟେମ୍ବର ୧୦

36. ଅଲଗା ଶବ୍ଦଟିକୁ ବାଛ ।

(A) tiger (B) lion (C) zebra (D) horse

https://ssvmkalamachhuin.in/

ରଫ୍

37. If COBRA : 3152181 :: ZEBRA : ________
(A) 2652181 (B) 2651281
(C) 1282181 (D) 265381

38.  ଏହି ଚିତ୍ରରେ କେତୋଟି ତ୍ରିଭୁଜ ଅଛି ?
(A) 20 (B) 12 (C) 28 (D) 16

39. ସୁଭାଷ ବୋଷ : କଟକ :: ପଦ୍ମଶ୍ରୀ ତୁଳସୀ ମୁଣ୍ଡା : ________
(A) କୋରାପୁଟ (B) ଢେଙ୍କାନାଳ
(C) ମୟୂରଭଞ୍ଜ (D) କେନ୍ଦୁଝର

40. ଜୁନ୍ ୨୧ : ବିଶ୍ୱ ଯୋଗ ଦିବସ :: ଜୁନ୍ ୫ : ________
(A) ଗାନ୍ଧୀଜୟନ୍ତୀ (B) ବିଶ୍ୱ ପରିବେଶ ଦିବସ
(C) ବିଶ୍ୱ ମହିଳା ଦିବସ (D) ବିଶ୍ୱ ଚିକିତ୍ସା ଦିବସ

41. In acertain code, CHAIR is written as 24156 and EAT is written as 318. What will TEACHER be written as?
(A) 8312346 (B) 8321436
(C) 8312436 (D) 8313426

42. ଅଲଗାଟିକୁ ବାଛ ।
(A) ଶ୍ରୀ ପଞ୍ଚମୀ (B) ଗଣେଶପୂଜା
(C) ବସନ୍ତ ପଞ୍ଚମୀ (D) ସରସ୍ୱତୀ ପୂଜା

43. ଠିକ୍ ଉତ୍ତର ବାଛ ।

**ସମସ୍ୟା ଚିତ୍ର**




**ଉତ୍ତର ଚିତ୍ର**

| (A) | (B) | (C) | (D) |
|---|---|---|---|
| 155 ବର୍ଗସେ.ମି. | 44 ବର୍ଗସେ.ମି. | 42 ବର୍ଗସେ.ମି. | 154 ବର୍ଗସେ.ମି. |

44. ଶୂନ୍ୟସ୍ଥାନ ପୂରଣ କର ।




(A) 25 (B) 30 (C) 35 (D) 45

ରଫ୍

45. WHITE ଶବ୍ଦଟିକୁ ଦର୍ପଣରେ ଦେଖିଲେ ପ୍ରତିବିମ୍ବ କ'ଣ ହେବ ?

(A) ƎꞱIHM (B) MHIꞱE

(C) ƎTIHW (D) ETIHW

**ସାଧାରଣଜ୍ଞାନ** **ନବମ** **ପୂର୍ଣ୍ଣାଙ୍କ - ୧୦**

**ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଉତ୍ତରପତ୍ର (OMR Sheet) ରେ ଥିବା ଗୋଲାକାର ଅଂଶକୁ ବଲପଏଣ୍ଟ କଲମରେ ନୀଳ / କଳା କର ।** 2 x 5 = 10

୪୬. ଭାରତର ସବୁଜ ବିପ୍ଳବର ସ୍ରଷ୍ଟା କିଏ ?

(A) Dr. A.P.J. Abdul Kalam (B) Dr. K. Kasturi Rangan

(C) Dr. D.S. Kothari (D) Dr. M. S. Swaminathan

୪୭. ଅଯୋଧ୍ୟାରେ ଐତିହାସିକ ରାମଲାଲାଙ୍କ ମୂର୍ତ୍ତି ଯାହା ୨୨ ଜାନୁଆରୀ ୨୦୨୪ରେ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା ତା'ର ନିର୍ମାତା ଶିଳ୍ପୀ କିଏ ?

(A) ସୁଦର୍ଶନ ଦାସ (B) ସୁଦର୍ଶନ ପଟ୍ଟନାୟକ (C) ଅରୁଣ ଯୋଗୀରାଜ (D) ରଘୁନାଥ ମହାପାତ୍ର

୪୮. UPI ର full form କ'ଣ ?

(A) Unified Payments Interface (B) Unified Payments Interactions

(C) Unified Portable Interface (D) Unified Public Interface

୪୯. ଭାରତର ପ୍ରଥମ 'UnderwaterMetro tunnel' କେଉଁ ନଦୀରେ ତିଆରି ହୋଇଛି ?

(A) ହୁଗୁଳି (B) ମୁରିଗଙ୍ଗା (C) ଦାମୋଦର (D) ମହାନଦୀ

୫୦. ଓଡ଼ିଶାର ଶ୍ରୀ ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କର କେତେତମ ଗଭର୍ଣ୍ଣର ଅଟନ୍ତି ?

(A) ୧୫ (B) ୨୫ (C) ୨୨ (D) ୨୬

https://ssvmkalamachhuin.in/

# ରଫ୍

https://ssvmkalamachhuin.in/